## ଚୁଲିରୁ କାଠ କାଢ଼ି ବାପାଙ୍କୁ ଆକ୍ରମଣ

ବଇଣ୍ଡା,(ପରିକ୍ଷିତ ସାହୁ): ହଣ୍ଡପା ଥାନା ଅନ୍ତର୍ଗତ ଗାଁଗୋଡ଼ା ଗ୍ରାମର ବିନୋଦ ଘିଆଲାଙ୍କୁ ତାଙ୍କ ପୁଅ ରଞ୍ଜନ ଘିଆଲା ଏକ କାଠରେ ଆକ୍ରମଣ କରିଥିବା ବିନୋଦ ରବିବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମାମଲା ରୁଜୁ କରିଛି । ବିନୋଦ ଘରେ ଥିବାବେଳେ ରଞ୍ଜନ ୫୦ ହଜାର ଟଙ୍କା ମାଗିବା ସହ ତାଙ୍କ ଶାଶୁଙ୍କଠାରୁ ଟଙ୍କା ଆଣିବାକୁ କହିଥିଲେ । ଏଥିରେ ବିନୋଦ ମନା କରିବାରୁ ଚୁଲିରୁ ଏକ କାଠ ଆଣି ବିନୋଦଙ୍କୁ ମାଡ଼ ମାରିଥିଲେ । ଫଳରେ ନିଆଁ ଚେଙ୍କ ଯୋଗୁଁ ସେ ଗୁରୁତର ଆହତ ହୋଇଥିଲେ ।



## ୨ ଚାଳକ ଗିରଫ, ୨ ବାଇକ୍ ଜବତ

ବଇଣ୍ଡା, ୧୩।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ଅଞ୍ଚଳରେ ରବିବାର ରାତିରେ ହଣ୍ଡପା ପୋଲିସ ଗାଡ଼ିମୋଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ବାଇକ୍ ଗୁଡ଼ିକୁ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ କିଶୋରନଗର ଥାନା ଜିଅନ୍ତାନାଳି ଗ୍ରାମର ସୁଧୀର ନାୟକଙ୍କୁ ଗିରଫ କରିବା ସହ ତାଙ୍କ ବାଇକ୍‌କୁ ଜବତ କରିଛି । ଏନେଇ ପୋଲିସ ନମ୍ବର ୧୭/୨୫ରେ ଏକ ମାମଲା ରୁଜୁ କରିଛି। ସେହିପରି କିଶୋରନଗର ପୋଲିସ ଅଙ୍ଗପଡା ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚକରି ହାଟନାଳି ଗ୍ରାମର କୁନା ବେହେରାଙ୍କୁ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ଗିରଫ କରିବା ସହ ତାଙ୍କ ବାଇକ୍‌କୁ ଜବତ କରିଛି। ଏନେଇ ପୋଲିସ ନମ୍ବର ୧୨/୨୫ ରେ ଏକ ମାମଲା ରୁଜୁ କରିଛି ।

# ପୋଲିସ ଛାଉଣୀରେ ଖଣି କାର୍ଯ୍ୟ ସ୍ୱାଭାବିକ




କଣିହାଁ, ୧୩।୧ (ମନୋଜ ନନ୍ଦ)

କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀଙ୍କ ଖଣି ବନ୍ଦ ଆନ୍ଦୋଳନର ୭ମ ଦିନରେ ବ୍ୟାପକ ପୋଲିସ ସହାୟତାରେ ଖଣି କାର୍ଯ୍ୟ ସ୍ୱାଭାବିକ କରିଛି ପ୍ରଶାସନ । ରବିବାର ସକାଳେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରି ଆନ୍ଦୋଳନକାରୀଙ୍କୁ ଘେରାବନ୍ଦୀ କରି ଖଣି କାର୍ଯ୍ୟ ସ୍ୱାଭାବିକ କରିଥିଲା ପ୍ରଶାସନ । ଏଥିପାଇଁ ଆନ୍ଦୋଳନ ସ୍ଥଳରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଦୁଇ ଆଡିସିନାଲ ଏସ୍‌ପି ସତ୍ୟଜିତ ମିଶ୍ର ଓ ଏସ୍. ରାୟଗୁରୁ, ମାଜଷ୍ଟ୍ରେଟ ପାୱାର ନେଇ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ତାଳଚେର ତହସିଲଦାର ରୋଜାଲିନ ବେହେରା, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଅନୁଗୋଳ ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ ନାଏକ, ପାଲଲହଡା ଆସିଷ୍ଟାଣ୍ଟ କଲେକ୍ଟର ଗିରିଶ ସିଂହ, ୬ଜଣ ଏସଡିପିଓ, ୧୨ ଇନ୍ସପେକ୍ଟର, ୨୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୭ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ । ଫଳରେ କୋଇଲା ପରିବହନ ଓ ଉତ୍ପାଦନ ସ୍ୱାଭାବିକ ହୋଇଛି। ଏନେଇ ଗ୍ରାମବାସୀଙ୍କ ମନରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟଯେ, କଣିହାଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଥାଇଥାନ ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଛନ୍ତି । ଏମ୍‌ସିଏଲ୍ ଓ ପ୍ରଶାସନ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ମିଳୁଥିବାରୁ

### ଆନ୍ଦୋଳନକାରୀ ଘେରାବନ୍ଦୀ

ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇ ପ୍ରସ୍ତାବିତ ପଥରମୁଣ୍ଡା ଯାଗା ମିଳିବା ଦାବିରେ କଣିହାଁ କୋଇଲା ଖଣି ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ଧାରଣାରେ ବସି ଆନ୍ଦୋଳନ ଚଳାଇଥିଲେ । ଅପରାହ୍ନରେ ତାଳଚେରଠାରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ବୈଠକରେ ଆନ୍ଦୋଳନକାରୀଙ୍କୁ ଆରପିଡିଏସି ବୈଠକରେ ବସି ସମାଧାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ମାତ୍ର ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିନଥିଲେ ଗ୍ରାମବାସୀ। ଆନ୍ଦୋଳନ ଚାଲୁ ରଖିଥିଲେ। ଥଇଥାନ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ଚେତାବନୀ ଦେଇଥିଲେ ଗ୍ରାମର ମହିଳାମାନେ।

## ମା' ଦକ୍ଷିଣକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଅନୁଗୋଳ, ୧୩।୧ (ଜ୍ୟୋତିରଞ୍ଜନ ସାହୁ)

ମା' ଦକ୍ଷିଣକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ମୁଖ୍ୟ ଅତିଥି ଭାବରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବସଲା ଗ୍ରାମ ପଞ୍ଚାୟତର ଯୁବ ସରପଞ୍ଚ ତପନ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଆଇନଜୀବୀ ପ୍ରଦୀପ ଦେବତା, ବେଢ଼ା ଶାସନ ସମବାୟ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଯୁବ ନେତା ଗଙ୍ଗାଧର ମହାପାତ୍ର, ପୂର୍ବତନ ସରପଞ୍ଚ ଧୋନୁଡ଼ାର ହରେକୃଷ୍ଣ ସାହୁ, ଭାଜପାର ଯୁବନେତା ଗୋପାଳକୃଷ୍ଣ ଦାସ, ଶୁଭେନ୍ଦୁ ପ୍ରଧାନ, ବସଲା ଗ୍ରାମ ସଭାପତି ଓ ସମ୍ପାଦକ ଦିଲୀପ ସାହୁ, ରବିନାରାୟଣ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚ ବଳାସିଙ୍ଗା ଓ ଜରଡ଼ା ଭିତରେ ଅନୁଷ୍ଠିତ ହୋଇଥିଲା । ବଳାସିଙ୍ଗା ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ଏବଂ ଜରଡ଼ା ରନର୍ସଅପ୍ ହୋଇଥିଲା । ବିଜୟୀ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଧାରା ବିବରଣୀ ପ୍ରଦାନ କରିଥିଲେ ସୁଜିତ କୁମାର ସାହୁ । ଖେଳ ପରିଚାଳନା କରିଥିଲେ ବିଦ୍ୟାଧର ବେହେରା ଓ ଆଲୋକ ସାହୁ। ଖେଳରେ ସହଯୋଗ କରିଥିଲେ କିଶାନ ବେହେରା, କଳିଙ୍ଗ ବେହେରା, ଗଣେଶ୍ୱର ସାହୁ, ଅର୍ଜୁନ ବେହେରା, ଚେଁଟି, ତୁଷାର ବେହେରା ପ୍ରମୁଖ।

## ଓଷ୍ଟା ସମ୍ପାଦକ ତ୍ରିଲୋଚନ ଦାସ ସମ୍ବର୍ଦ୍ଧିତ



ତାଳଚେର, ୧୩।୧ (ମନୋଜ ନନ୍ଦ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଅନୁଗୋଳ ଜିଲା ସଂପାଦକ ତ୍ରିଲୋଚନ ଦାସଙ୍କୁ ପ୍ରହଲ୍ଲାଦ ଭୂତିଆ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଗୋଳ ଟିକରପଡ଼ାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରେ ଓଷ୍ଟାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଷ୍ଟା ଜିଲା ସଭାପତି ପ୍ରାଣବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ସମ୍ମାନିତ ଅତିଥି ଭାବରେ ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ରାଜ୍ୟ ଉପସଭାପତି ଶ୍ରୀକାନ୍ତ ସାହୁ ଓ ପ୍ରମୋଦ ସ୍ୱାଇଁ, ଢେଙ୍କାନାଳ ଓଷ୍ଟା ସଭାପତି ସନ୍ତୋଷ ପାଣିଗ୍ରାହୀ, ସଂପାଦକ ବିଭୂତି ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷା, ସାଂଗଠନିକ ଦକ୍ଷତା ତଥା କର୍ତ୍ତବ୍ୟନିଷ୍ଠା ଯୋଗୁଁ ଓଷ୍ଟା ସଂପାଦକ ତ୍ରିଲୋଚନ ଦାସଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩୨୦ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ ।

## ମହର୍ଷି ମହେଶ ଯୋଗୀଙ୍କ ୧୦୮ତମ ଜୟନ୍ତୀ

ଅନୁଗୋଳ, ୧୩।୧ (ମାନସ ବିଶ୍ୱାଳ)



ଅନୁଗୋଳ ସହର ସ୍ଥିତ ସଭାଘର ସାଂସ୍କୃତିକ ମଣ୍ଡପ ଠାରେ 'ମହର୍ଷି ମହେଶ ଯୋଗୀ'ଙ୍କ ୧୦୮ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ସହରର ଇନ୍ଦ୍ର-ହରି ନଗରରେ ଥିବା ମହର୍ଷି ବିଦ୍ୟାମନ୍ଦିର ଦ୍ୱାରା ଆୟୋଜିତ ହୋଇଯାଇଛି। ପ୍ରଥମେ ଶିକ୍ଷକ,ଶିକ୍ଷୟତ୍ରୀ ଛାତ୍ରୀଛାତ୍ରମାନେ ଧ୍ୟାନ ଶିକ୍ଷକ ସର୍ବେଶ୍ୱର ଆଚାର୍ଯ୍ୟଙ୍କ ସହ ଗୁରୁ ପୂଜନ କରିଥିଲେ । ପରେ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଦୀପକ କୁମାର ଗୁପ୍ତା। ସେ ମହର୍ଷି ମହେଶ ଯୋଗୀଙ୍କ ଜୀବନୀ ଓ ସଂଘର୍ଷମୟ ଜୀବନରେ ଶାନ୍ତି ପାଇଁ ମହର୍ଷିଙ୍କ ପ୍ରଣୀତ ଭାବାତିତ ଧ୍ୟାନ ସଂପର୍କରେ ସୂଚନା ଦେଇଥିଲେ। ସାମାଜିକ କର୍ମୀ ବିପ୍ଳବ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରଫେସର ଶାନ୍ତନୁ ସର ଓ ସମ୍ମାନିତ ଅତିଥି ଭାବେ ସରୋଜ ପାଣିଗ୍ରାହୀ ଯୋଗଦେଇ ସାର ଗର୍ଭକ ମତ ରଖିଥିଲେ। ଅତିଥିମାନେ ମହର୍ଷି ବିଦ୍ୟାମନ୍ଦିର ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ପୁରାତନ ଛାତ୍ର କାମିରୁଦ୍ଦିନ ଖାଁଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ପ୍ରିୟାଲି ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲା ବେଳେ କିଷ୍ଟା ଦାସ, ସୁନିତା ମିଶ୍ର, ଅଭିଲିପ୍ସା ପ୍ରଧାନ ଓ ଶିକ୍ଷକ ସୁଜିତ ଦାସ, ମାନସ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପର୍ଯ୍ୟଟନ କେନ୍ଦ୍ର ବୁଲିଲେ ବାଳାଶ୍ରମ ଅନ୍ତେବାସୀ

ଆଠମଲ୍ଲିକ, ୧୩।୧ (ଉଦୀପ୍ତ ପୁରୋହିତ)

ପଡ଼ୋଶୀ ବୌଦ୍ଧ ଜିଲା ବିରନରସିଂହପୁର ସ୍ଥିତ ଜିଲା ଶିଶୁ ସୁରକ୍ଷା ବିଭାଗ ଅଧୀନରେ ରହୁଥିବା ରାଧାକୃଷ୍ଣ ବାଳାଶ୍ରମ (ସିସିଆଇ)ର ଅନ୍ତେବାସୀ ଆଠମଲ୍ଲିକ ଆସି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର, ମହାନ ଶୈବପୀଠ ଦେଉଳଝରିରେ ପ୍ରଭୁ ସିଦ୍ଧେଶ୍ୱର ବାବାଙ୍କୁ ଦର୍ଶନ କରି ଉଷ୍ଣପ୍ରସ୍ରବଣ ବୁଲି ଦେଖିବା ସହିତ ପ୍ରସ୍ରବଣ ଉପରେ ଜ୍ଞାନ ଆହରଣ କରିଥିଲେ । ଆଠମଲ୍ଲିକ ବାଳାଶ୍ରମ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୂର୍ବତନ ସମ୍ପାଦକ ଉମେଶ ଅଗ୍ରୱାଲ ସ୍ଥାନୀୟ ଆମ୍ବ ବଗିଚାରେ ଅନ୍ତେବାସୀଙ୍କ ପାଇଁ ଜଳପାନର ବ୍ୟବସ୍ଥା କରିଥିଲେ । ପରେ ମାନଜୋର ଜଳସେଚନ ପ୍ରକଳ୍ପ ବୁଲି ଦେଖିବା ସହିତ ବଣଭୋଜିର ମଜା ଉଠାଇଥିଲେ। ଅନ୍ତେବାସୀଙ୍କ ସହିତ ବାଳାଶ୍ରମର ସମ୍ପାଦକ ନବୀନ ବଘାର, ଶିଶୁ ମଙ୍ଗଳ ଅଧ୍ୟକ୍ଷ, ଜିଲା ସୁରକ୍ଷା ବିଭାଗ ଅଧିକାରୀ, ବାଳାଶ୍ରମର ହାଉସମଦର ଲିପିକା ଦେହୁରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



## ଭଗବତୀ ବ୍ରାହ୍ମଣୀ ଦେବୀଙ୍କର ୨୦ତମ ବାର୍ଷିକ ଚଣ୍ଡୀଯଜ୍ଞ

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ଲମ୍ବୋଦରପୁର ସାସନସ୍ଥିତ ପରମେଶ୍ୱର ଭବାନୀଶଙ୍କର ମହାରୁଦ୍ର ଶ୍ରୀଶ୍ରୀ ନର୍ମଦେଶ୍ୱର ଓ ଭଗବତୀ ବ୍ରାହ୍ମଣୀ ଦେବୀଙ୍କର ୨୦ତମ ବାର୍ଷିକ ଚଣ୍ଡୀ ଯଜ୍ଞର ପୂର୍ଣ୍ଣାହୁତି ସୋମବାର ଅନୁଷ୍ଠିତ ହୋଇଯାଇଛି । ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଦେବାଭିଷେକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହୋଇଥିଲା । ୯ ତାରିଖରେ ଅଙ୍କୁରାରୋପଣ, ୧୧ ତାରିଖରେ ଶୁଭାଧିବାସ, ଘଟ ଆନାୟନ, ଶାଳାସଂସ୍କାର, କୁଣ୍ଡମଣ୍ଡଳାଦି ପୂଜନମ୍ ଓ ଅଗ୍ନିସ୍ଥାପନମ୍, ୧୨ ତାରିଖରେ ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳାଦି ପୂଜନ, ଶ୍ରୀଶ୍ରୀ ନର୍ମଦେଶ୍ୱରଙ୍କ ଅଭିଷେକ, ଶ୍ରୀମଦ୍ ଭଗବତ୍ ଗୀତା ଯଜ୍ଞ ଓ ରୁଦ୍ର ଯଜ୍ଞ, ୧୩ ତାରିଖ ଶେଷଦିନ ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳାଦି ପୂଜନ, ଭଗବତୀ ବ୍ରାହ୍ମଣୀ ଦେବୀଙ୍କର ଷୋଡଶୋପଚାର



ପୂଜା, ଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ପଣ୍ଡିତ ରାଜକିଶୋର ମିଶ୍ରଶର୍ମା, ପଣ୍ଡିତ ଅରୁଣ କୁମାର କରଶର୍ମା, ପୂର୍ଣ୍ଣଚନ୍ଦ୍ର ମିଶ୍ରଶର୍ମା, ବିଧୂଭୂଷଣ ଦ୍ୱିବେଦୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉମେଶ ଚନ୍ଦ୍ର କରଶର୍ମା ସମସ୍ତ ପୂଜାକୁ ସୂଚାରୁ ରୂପେ ତୁଲାଇଥିବାବେଳେ କର୍ତ୍ତା ଭାବେ ବିଜୟ କୁମାର ସାହୁ ଓ କର୍ତ୍ତୀ ଭାବେ ଶ୍ରୀମତୀ ଝୁନୁବାଳା ସାହୁ ଉପସ୍ଥିତ ଥିଲେ। ସଂପାଦକ ଧ୍ରୁବ ଚରଣ ରାଉତ, କୋଷାଧ୍ୟକ୍ଷ ସୁରେଶ କୁମାର କର, ସଭ୍ୟ ନଗେନ କୁମାର କର, ସୁରେଶ କୁମାର ସାହୁ, ସୂର୍ଯ୍ୟନାରାୟଣ କର, ଶିବପ୍ରସାଦ ସାହୁ ଓ ଅଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସୁର, ତାଲ ଶୋ' ଓ ସାଂସ୍କୃତିକ ଅନୁଷ୍ଠାନର ବନ୍ଧୁମିଳନ



ଅନୁଗୋଳ, ୧୩।୧ (ମାନସ ବିଶ୍ୱାଳ)

ଅନୁଗୋଳର କୁରୁଡୁଲର ହନୁମାନ ବାଟିକା ଠାରେ ରବିବାର ସୁର୍-ତାଲ ସୋ' ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସୁଜିତ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ସଭାପତି ଅଜୟ କୁମାର ନାଥ ଓ କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମହାପାତ୍ର ତଥା ସହ କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସିହ୍ନା ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଚୈତନ୍ୟ ପୋଥାଳ ଆଗାମୀ ବର୍ଷ ପାଇଁ ସମସ୍ତେ ମନପ୍ରାଣ ଦେଇ ସୁର, ତାଳର କାର୍ଯ୍ୟକ୍ରମକୁ କିପରି ସରସସୁନ୍ଦର କରାଯାଇ ପାରିବ ସେ ବାବଦରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଭାତ କୁମାର ଦାସ, ଧୀଭିତ କୁମାର ପ୍ରଧାନ, ସତ୍ୟନାରାୟଣ ଦାସ, ଅଶୋକ କୁମାର ଶର୍ମା, ଶାନ୍ତନୁ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ଦେବତା, ସାଂସ୍କୃତିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର କର, ସହ ସାଂସ୍କୃତିକ ସମ୍ପାଦକ ପ୍ରକାଶ କୁମାର ନନ୍ଦ ଓ ଅନ୍ୟାନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ସମସ୍ତ କଳାକାର, ସାଂସ୍କୃତିକ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ତଥା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ



ବଇଣ୍ଡା,୧୨।୧(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପେଡ଼ିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାକୁ ଶୁକ୍ରବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ରଞ୍ଜନ କୁମାର ନାୟକ ଯୋଗଦେଇଥିଲେ। ଏଥିରେ ବିଭିନ୍ନ କ୍ରୀଡ଼ାମାନ ଅନୁଷ୍ଠିତ ହୋଇଥିବାବେଳେ ପ୍ରାୟ ୨୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ଅନୁପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପେଡ଼ିପଥର ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମୋହନ ଚରଣ ଦେହୁରୀ, ସନ୍ତୋଷ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ସରିତା ନାୟକ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ାକୁ ଗୋଲକ ବିହାରୀ ସାହୁ, ସ୍ୱର୍ଣ୍ଣମୟୀ ପ୍ରଧାନ ପରିଚାଳନା କରିଥିଲେ।

## ଟଙ୍କା ହେର୍‌ଫେର୍ କରି ମଦ ଦୋକାନ ମ୍ୟାନେଜର ଗିରଫ

ଅନୁଗୋଳ, ୧୩।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ପୋଲିସ ମଦ ଦୋକାନରେ କାମ କରୁଥିବା ମ୍ୟାନେଜର ପରଜଙ୍ଗ ଥାନା ଆମ୍ବପାଳ ଗ୍ରାମର ଶ୍ରୀକାନ୍ତ ସାହୁଙ୍କୁ ଲକ୍ଷାଧିକ ଟଙ୍କା ହେରଫେର କରିବା ଅଭିଯୋଗରେ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ଅନୁସାରେ, ମଦ ଦୋକାନ ଲାଇସେନ୍ସଧାରୀ ଭକ୍ତି ପ୍ରସାଦ ସାହୁ ଅନୁଗୋଳ ଟାଉନ ଥାନାରେ ଜାନୁୟାରୀ ୮ତାରିଖରେ ଅଭିଯୋଗ କରିଥିଲେ କି ଅମଲାପଡ଼ାରେ ଥିବା କାର୍ଯ୍ୟାଳୟରେ କାର୍ଯ୍ୟରତ ମ୍ୟାନେଜର ଢେଙ୍କାନାଳ ମହାବୀର ରୋଡ଼ରେ ଥିବା ମଦ ଦୋକାନର ସବୁଦିନର ବ୍ୟବସାୟ ହିସାବ ରଖୁଥିଲେ । ହେଲେ ଗତ ବର୍ଷ ଅଗଷ୍ଟ ମାସ ଓ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଦୋକାନ ହିସାବ ଅନୁଯାଇ ୭ଲକ୍ଷ ୬୦ହଜାର ଟଙ୍କା ହେରଫେର ହୋଇଥିବା ମାଲିକ ଜାଣିପାରି ଶ୍ରୀକାନ୍ତଙ୍କୁ ପଚାରିଥିଲେ। ସେହିଦିନଠାରୁ ସେ ଦୋକାନ ଆସି ନ ଥିଲେ । ଭକ୍ତି ଫୋନ୍ ଯୋଗେ ଶ୍ରୀକାନ୍ତଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ସେ ଓଲଟା ମାରିଦେବା ପାଇଁ ଧମକ ଦେଇଥିଲେ । ଭକ୍ତି ଅନୁଗୋଳ ଟାଉନ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ




ବଇଣ୍ଡା,୧୨।୧(ପରିକ୍ଷିତ ସାହୁ)

ଯେଉଁ ଦେଶରେ ଶିକ୍ଷାର ବିକାଶ ଯେତେ ସେହି ଦେଶ ସେତେ ବିକଶିତ। ଶିକ୍ଷା ବିନା ଦେଶ ଚଳିବା ଅସମ୍ଭବ, ତେଣୁ ପ୍ରାଥମିକ ସ୍ତରରୁ ଶିକ୍ଷାକୁ ମଜ୍‌ଭୁତ୍ କରିବା ଆବଶ୍ୟକ। ଏଥିପ୍ରତି ଶିକ୍ଷକ ସମାଜ ଅଧିକ ଯତ୍ନବାନ ହେବା ଦରକାର ବୋଲି ରବିବାର କିଶୋରନଗର ବ୍ଲକ ବଇଣ୍ଡା ମହର୍ଷି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ସ୍ୱପ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ମହର୍ଷି ବିଦ୍ୟାମନ୍ଦିରର ଅଧ୍ୟକ୍ଷା ଗାୟତ୍ରୀ ସାମନ୍ତରାୟ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ, ଅନୁଗୋଳ ଜିଲା ଶିକ୍ଷାବିଭାଗ ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ ଅତିଥି ପରିଚୟ ଦେଇଥିବାବେଳେ ରୂପାଲି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା, ନୀହାରିକା ଦାସ, ଦୀପ୍ତିମୟୀ ସାହୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ସନାତନ ସାହୁ, ଇନ୍ଦ୍ରଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜେଏସ୍‌ପିଙ୍କୁ ପୁଷ୍ପ ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର

ଅନୁଗୋଳ, ୧୩।୧ (ଜ୍ୟୋତିରଞ୍ଜନ ସାହୁ)



ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର କାନନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ଏହି ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିବା ବେଳେ ୧୨ ତାରିଖରେ ଏହି ପ୍ରଦର୍ଶନୀ ଉଦଯାପିତ ହୋଇଥିଲା। ଜେଏସ୍‌ପିର ପୁଷ୍ପ ପ୍ରଦର୍ଶନୀ ଉଭୟ ବିଚାରକ ଏବଂ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା। ପ୍ରବାସୀ ଭାରତୀର ବାର୍ତ୍ତା ଦେଇ ଏଥିରେ ବିରଳ ପ୍ରଜାତିର ଫୁଲକୁ ପ୍ରଦର୍ଶିତ କରାଯାଇଥିଲା ଓ ବିକାଶରେ ଅଣଆବାସିକ ଭାରତୀୟ (ଏନଆରଆଇ)ଙ୍କୁ ନିମନ୍ତ୍ରଣ ଦେବା ଲକ୍ଷ୍ୟରେ ଏଭଳି ଏକ ବାର୍ତ୍ତା ଦିଆଯାଇଥିଲା। ଜେଏସପି ଅନୁଗୁଳର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ବି.ପି ମିଶ୍ର ଏବଂ ଇଏମଡି ଉପାଧ୍ୟକ୍ଷ ଅଲୋକ ସାହୁଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନରେ ଜେଏସ୍‌ପି ଅନୁଗୁଳର ଉଦ୍ୟାନ କୃଷି ଟିମ ଚମତ୍କାର ଉପସ୍ଥାପନ କରିଥିଲେ, ଯାହା ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲା। ଡ. ଏସ.ପି. ଶର୍ମା, ବାଚସ୍ପତି ମିଶ୍ର ଏବଂ ଜେଏସ୍‌ପି ଅନୁଗୁଳର ଉଦ୍ୟାନ କୃଷି ଟିମ ପୁଷ୍ପ ପ୍ରଦର୍ଶନୀରେ କଂପାନୀର ପ୍ରତିନିଧିତ୍ୱ କରିଥିଲେ। ପ୍ରଦର୍ଶନୀରେ ଟାଟା ଷ୍ଟିଲ, ଓଏମ୍‌ସି, ଆଦାନୀ, ନାଲକୋ, ହିଣ୍ଡାଲକୋ, ଜେଏସଡବ୍ଲୁ, କିଟ୍ ବିଶ୍ୱବିଦ୍ୟାଳୟ ଭଳି ପ୍ରାୟ ୨୦ଟି କର୍ପୋରେଟ ହାଉସ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରେମ କୁମାର ଝା ଓ ବନ ଉନ୍ନୟନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ପନ୍ତ, ପ୍ଲାଣ୍ଟ ଲଭର୍ସ ଆସୋସିଏଶନର ସଭାପତି ଖିରୋଦ କୁମାର ପଟ୍ଟନାୟକ ଏବଂ ଓ ରୋଜ ସୋସାଇଟିର ସଂପାଦକ ହେମନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜେଏସ୍‌ପିର ଉଲ୍ଲେଖନୀୟ ଯୋଗଦାନ ଏବଂ ପ୍ରଥମ ପୁରସ୍କାର ଭାବେ ମିଳିଥିବା ସଫଳତା, ଜେଏସ୍‌ପିର ପରିବେଶ ଓ ସମାଜ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

**ମହିଳାଙ୍କ ମୃତ୍ୟୁ ସନ୍ଦେହଜନକ**

ରାସୋଳ,(ସରୋଜ ମିଶ୍ର): ଢେଙ୍କାନାଳ ଜିଲା ରାସୋଳ ଥାନା କପିସାହି ଗ୍ରାମର ମଲି ଦେହୁରୀଙ୍କର ରବିବାର ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଯାଇଛି। ମଲିଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ରାସୋଳ ଥାନାରେ ଅଭିଯୋଗ କରିଛନ୍ତି। ରାସୋଳ ପୋଲିସ ଘଟଣା ସ୍ଥଳରେ ପହଁଚି ସ୍ୱାମୀ ଦିପୁ ଦେହୁରୀଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ କେସ୍ ନଂ-୨୦୧୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ୩୨ କୋର୍ଟଚାଲାଣ, ଗାଁ ପୁରୁଷଶୂନ୍ୟ

## ବେଢ଼ାପଡ଼ା ଗ୍ରାମ ଗୋଷ୍ଠୀ ସଂଘର୍ଷ ଘଟଣା





ରାସୋଳ/ଓଡ଼ାପଡ଼ା,୧୩।୧ (ସରୋଜ ମିଶ୍ର/ରଞ୍ଜିତ ନାୟକ)

ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବେଢ଼ାପଡ଼ା ଗ୍ରାମରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ସୋମବାର ୩୨ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୦ଜଣ ସବର୍ଣ୍ଣ ଗୋଷ୍ଠୀର ହୋଇଥିବା ବେଳେ ସେମାନଙ୍କୁ ସଦର ଥାନା ଗୋବିନ୍ଦପୁର ଫାଣ୍ଡିରେ ରଖାଯାଇଥିବା ବେଳେ ଅସବର୍ଣ୍ଣ ଗୋଷ୍ଠୀର ୨୨ଜଣଙ୍କୁ ହିନ୍ଦୋଳ କୋର୍ଟରେ ୩୦୭ରେ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ଗୋବିନ୍ଦପୁର ଫାଣ୍ଡିରେ ଥିବା ସବର୍ଣ୍ଣ ଗୋଷ୍ଠୀର ୧୦ଜଣଙ୍କୁ ଏସ୍‌ସିଏସ୍‌ଟି ଆକ୍ଟରେ ଗିରଫ କରାଯାଇ ଢେଙ୍କାନାଳ କୋର୍ଟକୁ ଚାଲାଣ କରାଯାଇଛି। ଘଟଣା ସ୍ଥଳରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ତେବେ ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇପଡିଛି। କେହି ଏକାଠି ନ ରହିବା, ପରସ୍ପର ଆଲୋଚନା ନ କରିବା ପାଇଁ ଥାନା ତରଫରୁ କୁହାଯାଇଛି।

ଘଟଣାରୁ ପ୍ରକାଶ, ବେଢ଼ାପଡ଼ାରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଉଦଯାପନୀ ଉତ୍ସବ ଚାଲିଥିବା ବେଳେ ଅସବର୍ଣ୍ଣ ଗୋଷ୍ଠୀର ଜଣେ ଯୁବକ ମୋଟର ସାଇକେଲ ନେଇ ପଡ଼ିଆ ଭିତରେ ପଶୁଥିବା ବେଳେ ତାଙ୍କୁ ବାରଣ କରାଯାଇଥିଲା। ତେବେ ତାଙ୍କୁ ମନା କରିବାରୁ ଅସବର୍ଣ୍ଣ ଗୋଷ୍ଠୀ ଏକାଠି ହୋଇ ରାକେଶ ପରିଡା ନାମକ ଜଣେ ବ୍ୟକ୍ତିଙ୍କୁ କଟୁରୀରେ ଆକ୍ରମଣ କରିଥଲେ। ଫଳରେ ରାକେଶ ଗୁରୁତର ହୋଇ ଖସି ପଡିବା ପଲେ ଘଟଣାସ୍ଥଳରୁ ଅସବର୍ଣ୍ଣ ଲୋକେ ପଳାଇଥିଲେ। ସବର୍ଣ୍ଣ ଗୋଷ୍ଠୀର ଲୋକ ଖବରପାଇ ରାକେଶଙ୍କୁ କଟକ ଡାକ୍ତରଖାନାକୁ ନେବା ସହ ସଂଘବଦ୍ଧ ଭାବେ ରାତିରେ ଅସବର୍ଣ୍ଣ ଗୋଷ୍ଠୀଙ୍କୁ ଆକ୍ରମଣ କରିବା ସହିତ ଘରଦ୍ୱାର ଭଙ୍ଗାରୁଜା କରିଥିଲେ। ପରିବେଶ ଅଶାନ୍ତ ହେବା ଫଳରେ ରାସୋଳ ଥାନା ଏଏସ୍ଆଇ ସ୍ୱର୍ଣ୍ଣଲତା ଘଟଣା ସ୍ଥଳରେ ପହଁଚି ସମସ୍ତ ଥାନା ଏବଂ ଏସ୍‌ପିଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ଫୋର୍ସ, ବାଲିମୀ, ହିନ୍ଦୋଳ ଥାନା ଓ ଭାପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଁଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସୋମବାର ପରିସ୍ଥିତି ଶାନ୍ତ ରହିଥିବା ଜଣାପଡିଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

# ପୂର୍ବତନ ସୈନିକ ସଂଘର ବାର୍ଷିକ ସମ୍ମିଳନୀ



ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଜିଲାର ପୂର୍ବତନ ସୈନିକମାନଙ୍କ ସମ୍ମିଳନୀ ହୋଟେଲ 'ନିରୁପମା'ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ, ପର୍ଜଙ୍ଗ ବ୍ଲକ, ହିନ୍ଦୋଳ ବ୍ଲକ, ବଣସିଂହ ଅଞ୍ଚଳ, ଭାପୁର ଓ ତାଳବାରକୋଟ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ପୂର୍ବତନ ସୈନିକ ଯୋଗଦାନ କରିଥିଲେ। ସଂଘ ସଭାପତି କୈଳାସ ଚନ୍ଦ୍ର ରାଉତଙ୍କ ବଳିଷ୍ଠ ନେତୃତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ଉପସ୍ଥିତ ହୋଇ ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ କୁନି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଭାବେ ଭ୍ରମରବର ଦଳାଇ, ଉପସଭାପତି ବିମଳ କୁମାର ଶତପଥି ଓ ବିଭୁତିଭୁଷଣ ନନ୍ଦ, ସମ୍ପାଦକ ସୁବାସଚନ୍ଦ୍ର ହୋତା, ଯୁଗ୍ମ ସମ୍ପାଦକ ବଟକୃଷ୍ଣ ସାହୁ, ରାମଚନ୍ଦ୍ର ମୁକୁଟ, ହାଡିବନ୍ଧୁ ଦାସ, ଦୁର୍ଗା ମହାପାତ୍ର, ରଞ୍ଜିତ ପାଣିଗ୍ରାହୀ, ମାନସରଞ୍ଜନ ପଣ୍ଡା, ଭଜମନ ବେହେରା, ବୀରେନ୍ ବିଶ୍ୱାଳ, ଦାଶରଥି ବରାଳ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ମିଶ୍ର, ନିରଞ୍ଜନ ସାହୁ, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

# ମହାଦେବ ବାହିନୀ ପକ୍ଷରୁ ଗୀତା ଚେତନା କର୍ମଶାଳା

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳର ସାମାଜିକ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ ଆଧ୍ୟାତ୍ମିକ ସଂଗଠନ ମହାଦେବ ବାହିନୀ ପକ୍ଷରୁ ଗଁଦିଆ ବ୍ଲକ ଦେଓଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୀତା ଚେତନା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କ୍ରୀୟାଯୋଗ ଆଶ୍ରମର ଜିଲା ସଭାପତି ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଗୀତା ଓ କ୍ରୀୟାଯୋଗର ଉପକାରିତା ସମ୍ପର୍କରେ ଉପାଦେୟ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ଅଧ୍ୟାପକ ଜୀବନ ରଞ୍ଜନ ମହାପାତ୍ର, ଛାତ୍ରୀଛାତ୍ରମାନଙ୍କୁ ଧ୍ୟାନ, ପ୍ରାର୍ଥନା ଓ ମନ୍ତ୍ର ଉଚ୍ଚାରଣର ଆବଶ୍ୟକତା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଶ୍ରୀ ଚନ୍ଦ୍ରଶେଖର ସେବାୟତ ସଂଘ ସମ୍ପାଦକ ଗୁରୁଚରଣ ମହାପାତ୍ର ଅଧ୍ୟାତ୍ମିକ ଚେତନା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିଶାମଣୀ ଦେଇଙ୍କ ସହଯୋଗରେ ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ଇଂ ସୌମବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଦକ୍ଷତା ବିକାଶ କେନ୍ଦ୍ର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଦକ୍ଷତା ବିକାଶ କେନ୍ଦ୍ର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ସୁନିଲ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଦକ୍ଷତା କେନ୍ଦ୍ରଠାରୁ ବାହାରି ଗଣେଶ ବଜାର ଦେଇ ସହର ପରିକ୍ରମା କରିଥିଲା। ଏଥିରେ ୬୦ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ଆଜି ଦକ୍ଷତା, କାଲି ସଫଳତା ଏବଂ କୌଶଳ ବଢାଓ ଉନ୍ନତିକର ଆଦି ନାରା ଦେଇଥିଲେ। ଦକ୍ଷତା କେନ୍ଦ୍ରରେ ଗ୍ରାଫିକ୍ ଡିଜାଇନ୍, ଫୁଡ ଆଣ୍ଡ୍ ବ୍ରେଭରେଜ, ପାର୍ଟସ ମେକିଂ ଆଦି ମାଗଣାରେ ପ୍ରଶିକ୍ଷଣ ନେଇ ନିଜର ଦକ୍ଷତା ବୃଦ୍ଧି କରି ନିଯୁକ୍ତି ସୁଯୋଗ ନେବାକୁ ସୂଚନା ଦିଆଯାଇଥିଲା। ଶୋଭାଯାତ୍ରାରେ ମ୍ୟାନେଜର ସଂକଳ୍ପ କୁମାର ଦାସ, ଏକାଡେମିକ ହେଡ୍ ଫ୍ୟାକ୍ସ ସାହୁ, ଗ୍ରାଫିକ ଡିଜାଇନ ଟ୍ରେନର ସାଗର ମହାରଣା, ଦିବ୍ୟରଞ୍ଜନ ପଣ୍ଡା, ଅଜୟ କୁମାର ପଣ୍ଡା, ଦୀପ୍ତେଶ କୁମାର ଦଳାଇ, ପ୍ରିୟଙ୍କା ମହାରଣା, ପ୍ରତିମା ମଲ୍ଲିକ, ଗୀତାଞ୍ଜଳି ବେହେରା, ରାଜଶ୍ରୀ ଦଳାଇ, ମଧୁସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

# ବାଲିବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ଭୁବନ,୧୩।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡିଅଧିକାରୀ ସୌଭାଗ୍ୟ କୁମାର ପାଣି ସୋମବାର ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଡ୍ରାଇଭର ଦୁଃଶାସନ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ପୋଲିସ କେସ୍ ନମ୍ବର ୧୩/୨୦୨୫ରେ ଏକ ମାମଲା ରୁଜୁ କରିଛି।

# ବ୍ଲକ ଅଧ୍ୟକ୍ଷଙ୍କ ଅନାସ୍ଥା ରଦ୍ଦ

କାମାକ୍ଷାନଗର,୧୩।୧(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସୋମବାର କୋରମ ଅଭାବରୁ ରଦ୍ଦ ହୋଇଯାଇଛି। ଫଳରେ ଭାଜପା ଗଡ଼ରେ ବିଜେଡ଼ି ସମର୍ଥିତ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ତାଙ୍କ ପଦ ବଜାୟ ରଖିପାରିଛନ୍ତି। ସୂଚନା ଅନୁଯାୟୀ, ଗତ କିଛିମାସ ତଳେ ବିଜେଡ଼ି ସମର୍ଥିତ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦଙ୍କ ନାମରେ କେତେଜଣ ସରପଞ୍ଚ ଓ ସମିତିସଭ୍ୟ କାମାକ୍ଷାନଗର ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଅନାସ୍ଥା ସମ୍ପର୍କିତ ଭୋଟ ଆଗତ ପାଇଁ ସୋମବାର ଦିନ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଅନାସ୍ଥାବେଳେ ଅଳ୍ପ କିଛି ସଭ୍ୟାସଭ୍ୟଙ୍କୁ ଛାଡ଼ି ଆଉ କୌଣସି ସରପଞ୍ଚ, ସମିତି ସଭ୍ୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନଥିଲେ। ଫଳରେ ନିର୍ଦ୍ଧାରିତ ସମୟ ପରେ ନିର୍ବାଚନ ଦାୟିତ୍ୱରେ ଥିବା କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାଶ କୋରମ ଅଭାବରୁ ଅନାସ୍ଥା ରଦ୍ଦ କରିବା ସହ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ପଦ ବଜାୟ ରଖିଥିବା ନେଇ ସୂଚନା ଦେଇଛନ୍ତି।

# ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ନୂଆପୋଖରୀସ୍ଥିତ ଇନ୍‌ଡୋର ହଲ୍‌ଠାରେ ଦିନିକିଆ ଜିଲାସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସମାଜସେବୀ ସୁକାନ୍ତ କୁମାର ମିଶ୍ର, ଜିଲା ସାମ୍ବାଦିକ ସଂଘର ସଂପାଦକ ସତ୍ୟସ୍ୱରୂପ ଦାସ, ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ଏବଂ ଶାରଦା ପ୍ରସନ୍ନ ହୋତା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାରୁ ବିଭିନ୍ନ ବ୍ଲକ୍‌ରୁ ୩୨ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ପ୍ରମୋଦ କୁମାର ସିଂହ ଏବଂ ବ୍ରିଜେଶ ମିଶ୍ର ଚାମ୍ପିୟନ୍ ହୋଇଥିଲା ବେଳେ ଧର୍ମେନ୍ଦ୍ର ମହାପାତ୍ର ଏବଂ ଦେବାଶିଷ ମହାରଣା ରନର୍ସଅପ୍ ହୋଇଥିଲେ। ଏହି ଅବସରରେ ଭେଟେରାନ୍ ବିଭାଗରେ ଚାମ୍ପିୟନ୍ ହୋଇଥିବା ଧର୍ମେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ବାର୍ ଆସୋସିଏଶନ୍ ସମ୍ପାଦକ ଟଙ୍କଧର ବେହେରା, ସମାଜସେବୀ ଅଶୋକ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଚାମ୍ପିୟନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ବିଶ୍ୱଜିତ୍ ସାହୁ, ରଶ୍ମି ପ୍ରକାଶ ପଟ୍ଟନାୟକ, ସମୀର ସାମଲ, କୃପାସିନ୍ଧୁ ବେହେରା, ସମୀର ସାହୁ, ସୁମନ ସାହୁ, ମୁକେଶ କୁମାର ସିଂଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସୂଚାରୁ ରୂପେ ସଂପାଦନ କରିଥିଲେ।




ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଉଛି।

# ଛଦେଶ ବ୍ଲକ ଦାବି ଜୋର୍ ଧରିଲା




ବୈଠକରେ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁରଠାରେ ହରିହର ମଠରେ ଛଦେଶ ଅଞ୍ଚଳର ବୁଦ୍ଧିଜୀବୀ, ଆଇନଜୀବୀ, ଅବସରପ୍ରାପ୍ତ ଅଧିକାରୀ, ଶିକ୍ଷକ, ସମାଜସେବୀ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଛଦେଶ ବ୍ଲକ ଗଠନ ପାଇଁ ଦାବି ଜୋର ଧରିଥିଲା। ଏ ସଂକ୍ରାନ୍ତରେ ସରକାରଙ୍କ ପାଖରେ ଦାବି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କଳାଙ୍ଗଠାରୁ ପାମାଳ ପର୍ଯ୍ୟନ୍ତ ୧୨ଟି ପଞ୍ଚାୟତର ଅଞ୍ଚଳବାସୀ ବୈଠକରେ ଭାଗ ନେଇଥିଲେ। ବୈଠକରେ ଛଦେଶ ବ୍ଲକ ସଂଘର୍ଷ ସମିତି ନାମରେ ଏକ ସଂଗଠନ ଗଠିତ ହୋଇଥିଲା। ବ୍ଲକ ନହେବା ପର୍ଯ୍ୟନ୍ତ ସମସ୍ତେ ଏକମନ ହୋଇ କାମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଗାମୀ ଦିନରେ ୧୨ଟି ଯାକ ପଞ୍ଚାୟତର ଜନସାଧାରଣଙ୍କ ସ୍ୱାକ୍ଷରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଛଦେଶ ବ୍ଲକ ଗଠନ ପାଇଁ ଦାବିକରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ବୈଠକରେ ବର୍ତ୍ତମାନ ସଦର ବ୍ଲକରେ ଥିବା ବାଲ୍ୟାମ୍ବ, ମଧୁସାହୁପାଟଣା, ଚନ୍ଦ୍ରଶେଖର ପ୍ରସାଦ, ଭାପୁର, କାକୁଡିଭାଗ, ଧୀରପାଟଣା, ଶଙ୍କରପୁର, ଭାଲିଆବୋଲ କାଟେଣୀ, ଓଡାପଡା ବ୍ଲକର କଳାଙ୍ଗ, କୋଟମ, ଘଟିପିରି, ଗୋବିନ୍ଦପୁର ଆଦି ଅଞ୍ଚଳର ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଛଦେଶ ବ୍ଲକ ସଂଘର୍ଷ କମିଟିର ସଂଯୋଜକ ଭାବେ ହର୍ଷବର୍ଦ୍ଧନ ସିଂହଦେଓଙ୍କୁ ମନୋନିତ କରାଯାଇଥିଲା। ସହ ସଂଯୋଜକ ଭାବେ ଶୁଭ ପ୍ରସାଦ ପଣ୍ଡା, ରମେଶ ପଣ୍ଡା, ହୃଦାନନ୍ଦ ବିଶ୍ୱାଳ, ଅଖିଳ ମହାପାତ୍ର, ନିଳମଣୀ ମହାରଣା, ଅଧୀର ସାମଲ, ସୁମନ୍ତ ସାହୁ, ବିଶ୍ୱନାଥ ପ୍ରତିହାରୀ, ସୁବାସ ଖଟୁଆ, ପଙ୍କଜ ନାୟକ, ଅଶୋକ ଦାସ, ମାନସ ଖୁଣ୍ଟିଆ, ସରୋଜ ଲେଙ୍କା, ଜଗବନ୍ଧୁ ସାହୁ, ରମେଶ ଜେନା, ରାଜକୁମାର ପ୍ରଧାନ ଓ ଦିପ୍ତିରଞ୍ଜନ ପଣ୍ଡା ପ୍ରମୁଖ ମନୋନୀତ ହୋଇଥିବା ରବିବାରି ବିଶ୍ୱଜିତ୍ ଆର୍ଯ୍ୟନ୍ଦୁ ଜେନା ଜଣାଇଛନ୍ତି।

# ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ଭୁବନ, ୧୩।୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦିଘୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଭୁବନ ବ୍ଲକର ବିଭିନ୍ନ ଅଞ୍ଚଳରୁ ମୋଟ ୨୨୧ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୨୧୦ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୫ଟି ସାମୂହିକ ଅଭିଯୋଗ ହୋଇଥିଲା। ଅଭିଯୋଗରେ ବିଭିନ୍ନ ଭତ୍ତା, ଆବାସ ଯୋଜନା, ପାଇଖାନା, ଗୁହାଳ ସହିତ ଜମିଜମା ବିବାଦ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ଅନିୟମିତତା ଉପରେ ଅଭିଯୋଗ ହୋଇଥିଲା। ବ୍ଲକର କିଛି କିଡନି ରୋଗୀ କ୍ୟାନ୍ସର ରୋଗୀ ଓ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୮ ହଜାର ଓ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ସେଥିରେ ଅଭିଯୋଗ ହୋଇଥିବା ବିଭିନ୍ନ ଲୋକମାନଙ୍କ ସମସ୍ୟାକୁ ବିଭାଗୀୟ ମୁଖ୍ୟମାନେ ଯଥାଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନୀଳମଣି ଦିଲୀପଚାନ୍ଦ ବେହେରା, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଭୁବନ ବିଡିଓ ଆୟୁଷି ମହାପାତ୍ର, ତହସିଲଦାର ସିରିଅଲ ଶୁଭ୍ର ପଟେଲ, କାମାକ୍ଷାନଗର ଥାନା ଅଧିକାରୀ ଧିରେନ କୁମାର ହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କିକ୍ ବକ୍ସିଂ

## ଜନତା କଲେଜ ବାଳକ ବିଭାଗ ଚାମ୍ପିଅନ ଓ ବାଳିକା ବିଭାଗ ରନର୍ସଅପ୍




ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କିକ୍ ବକ୍ସିଂରେ ବାଳିକା ଓ ବାଳକ ବିଭାଗର ଖେଳ କୃତୀ ଖେଳାଳିମାନେ।

ଢେଙ୍କାନାଳ,୧୩।୧(ରତନ ନାୟାର)

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚଳିତ ମାସ ୧୦ ଓ ୧୧ ତାରିଖରେ ଯାଜପୁରର ନୃସିଂହ ଚୌଧୁରୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଅନ୍ତଃ ମହାବିଦ୍ୟାଳୟ ଚାମ୍ପିଅନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନଶିପ୍‌ରେ ୧୬ ଟି ମହାବିଦ୍ୟାଳୟରୁ ୭୦ଜଣ କ୍ରୀଡାବିତ୍ ଭାଗ ନେଇଥିଲେ। ତନ୍ମଧ୍ୟରୁ ଜନତା ମହାବିଦ୍ୟାଳୟର ୧୯ଜଣ କ୍ରୀଡାବିତ୍ ଭାଗ ନେଇଥିଲେ। ବାଳକ ବିଭାଗରୁ ୬ଟି ସ୍ୱର୍ଣ୍ଣ ପଦକ ଓ ବାଳିକା ବିଭାଗରେ ୩ଟି ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ହାସଲ କରିଛନ୍ତି। ପଏଣ୍ଟ ଫାଇଟ୍‌ରେ -୫୨କେଜି ବର୍ଗରେ ଶୁଭଙ୍କର ନାଏକ, ୫୭କେଜି ବର୍ଗରେ ଋଷଭ୍ କରନ୍, ୬୯କେଜି ବର୍ଗରେ ସୌଭାଗ୍ୟ ରଞ୍ଜନ ବେହେରା, ୭୪କେଜି ବର୍ଗରେ ସମୀର ପ୍ରଧାନ, ୮୪କେଜି ବର୍ଗରେ ସୁଧୀନ୍ଦ ନାଥ ପଟ୍ଟନାୟକ। ସେହିପରି ଲୋ କିକ୍ ଫାଇଟ୍‌ରେ ୭୫କେଜି ବର୍ଗରେ ଯୋଗେଶ୍ୱର ସାହୁ, ୯୧କେଜି ବର୍ଗରେ ରୁଦ୍ରଶଙ୍କର ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ହାସଲ୍ କରିଛନ୍ତି ଏବଂ ବାଳିକା ବିଭାଗରେ ଲୋ-କିକ୍ ଫାଇଟିରେ ୪୮କେଜି ବର୍ଗରେ ସ୍ମୃତି ଭୋଇ, ୫୬କେଜି ବର୍ଗରେ ଅରୁନ୍ଧତୀ ସାହୁ, ୬୦କେଜି ବର୍ଗରେ ବର୍ଷା ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପଏଣ୍ଟ ଫାଇଟ୍‌ରେ ୫୦କେଜି ବର୍ଗରେ ମାନସୀ ସାହୁ, ୫୫କେଜି ବର୍ଗରେ ରୁପା ନାଏକ, ୬୦କେଜି ବର୍ଗରେ ରୋସନୀ ବେଗମ୍, ୭୦କେଜିରୁ ଊର୍ଦ୍ଧ୍ୱ ବର୍ଗରେ ଦିପା ନାଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଦଳଗତ ଭାବେ ବାଳକ ବିଭାଗରେ ଜନତା ମହାବିଦ୍ୟାଳୟ ଚାମ୍ପିଅନ ଓ ବାଳିକା ବିଭାଗରେ ରନର୍ସ ଅପ୍ ହୋଇଛନ୍ତି। ଏହି ପ୍ରତିଯାଗିତାରେ ଦୀପକ କୁମାର ସେଠୀ ମ୍ୟାନେଜର ଓ ମିହିର କୁମାର ସାହୁ କୋଚ୍ ଭାବେ ଦାୟିତ୍ୱ ତୁଲାଇ ଥିଲେ। ସମସ୍ତ ଖେଳାଳି ଢେ଼ଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନ୍ ଆନୁକୁଲ୍ୟରେ ପ୍ରଶିକ୍ଷଣ ନେଉଥିଲେ। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପାରାଣୀ ନାଥ, କ୍ରୀଡା ପରିଷଦର ଉପସଭାପତି ଡ. ନାରେଶ ନାଏକ, କ୍ରୀଡା ପ୍ରଶିକ୍ଷକ ଶୁଭକାନ୍ତ ପ୍ରଧାନ, ଢେ଼ଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂର ସଭାପତି ଶଶିକାନ୍ତ ଗଡ଼ନାୟକ ଓ ସମ୍ପାଦିକା କୀର୍ତ୍ତିରାଣୀ ସାହୁ ସମସ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପଥର ମାଫିଆଙ୍କ କବ୍‌ଜାରେ ଆଦିବାସୀଙ୍କ ଦେବତା କଳା ଠାକୁରାଣୀ

## ତୁରନ୍ତ ହସ୍ତକ୍ଷେପ ପାଇଁ ଆକୁଳ ନିବେଦନ

ଢେଙ୍କାନାଳ,୧୩।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ଗ୍ରାମପଞ୍ଚାୟତର ନୂଆ କଷ୍ଟିପାଳ ଗ୍ରାମର କଳା ଠାକୁରାଣୀ ହେଉଛନ୍ତି ଶବର ଆଦିବାସୀଙ୍କର ଆରାଧ୍ୟ ଦେବତା। ପଥର ମାଫିଆଙ୍କ କବଳରେ ଠାକୁରାଣୀ ରହିଥିବାରୁ ଆଦିବାସୀମାନେ ପୂଜା କରିପାରୁନାହାନ୍ତି। କଳା ଠାକୁରାଣୀ ଆଜି ପରିତ୍ୟକ୍ତ ଅବସ୍ଥାରେ ସେଠାରେ ପଡ଼ିରହିଥିବାରୁ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନେ ନୂଆ କଷ୍ଟିପାଳ ଅଞ୍ଚଳ ପାହାଡ଼ ଓ ବୃକ୍ଷଲତାରେ ଭରି ରହିଥିଲା। ସନ୍ଧ୍ୟାହେଲେ ବନ୍ୟଜନ୍ତୁଙ୍କ ଶବ୍ଦରେ ପାହାଡ଼ କଡ଼ ଗାଁ କମ୍ପି ଉଠୁଥିଲା। ସୁନ୍ଦର ସବୁଜିମା ପରିବେଶରେ ଆଦିବାସୀ ସେମାନଙ୍କ ପାରମ୍ପରିକ ଜୀବନ ବିତାଉଥିଲେ। ହେଲେ କଳା ପଥର ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିବାରୁ ବେଆଇନ ଭାବେ ମେଘା କ୍ରସର ୟୁନିଟ ଗଢି ଉଠିଲା। ପ୍ରଶାସନର ହାତବାରିଶି ସାଜି ମାଫିଆମାନଙ୍କ ରାଜ ଚାଲିଲା। ଏହାପରେ ମାଫିଆମାନେ ସବୁଜିମା ଗଛଲତା ପାହାଡକୁ କାଟି କ୍ରସର ମାଲିକମାନେ କଳା ପଥରକୁ ଖୋଳି ପକାଇଲେ। ଶବରମାନେ ତାଙ୍କ ଦେବତା ଠାକୁରାଣୀଙ୍କୁ ପୂଜା କରିପାରିଲେ ନାହିଁ। ଏପରିକି ପ୍ରତିବର୍ଷ ହେଉଥିବା ଯଜ୍ଞକୁ ମଧ୍ୟ ବନ୍ଦ କରିଦିଆଗଲା। ଶବର ଆଦିବାସୀଙ୍କ ଡାକରାରେ ରାଜ୍ୟରେ ପାହାଡ ସୁରକ୍ଷା ପାଇଁ ଲଢେଇ କରୁଥିବା ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରବିବାର ଠାକୁରାଣୀଙ୍କ ସ୍ଥାନକୁ ଯାଇଥିଲେ। ତାଙ୍କ ସହିତ ଶତାଧିକ ଆଦିବାସୀ ଶବର ଲୋକମାନେ ମଧ୍ୟ ସାମିଲ ହୋଇଥିଲେ। ଶବରମାନେ କାନ୍ଦିକାନ୍ଦି କହିଛନ୍ତି,. ଆମେ ଯାହା ଫଳ ମୂଳଟିଏ ପାଇଲେ ପ୍ରଥମେ ଆଗେ କଳା ଠାକୁରାଣୀଙ୍କ ନିକଟରେ ଭୋଗ ଲଗାଇ ଖାଇଥାଉ। ଠାକୁରାଣୀଙ୍କ ଯଜ୍ଞ ଓ ମେଳା ଆମର ମୁଖ୍ୟ ପର୍ବ। ପର୍ବ ସମୟରେ ଦୋକାନ ବଜାର ମେଳା ଲାଗୁଥିଲା। ମାଫିଆମାନେ ଜଙ୍ଗଲକୁ କୋରିଦେଇ ଖାଇଗଲେ। ଶେଷରେ ଆମ ଠାକୁରାଣୀଙ୍କୁ ପରିତ୍ୟକ୍ତ ଅବସ୍ଥାରେ ପକାଇଦେଲେ। ଆଉ କିଛିଦିନ ପରେ ପଥର ବ୍ଲାଷ୍ଟିଂ ଯୋଗୁ ଠାକୁରାଣୀ ଭୁଶୁଡ଼ି ପଡି ମାଟିରେ ମିଶିଯିବେ। ଏଥିପାଇଁ ଆମେ ଯେତେ ବିରୋଧ ଓ ଆନ୍ଦୋଳନ କଲେ ମଧ୍ୟ ପୂର୍ବ ସରକାର ଆମକଥା ଶୁଣିଲେ ନାହିଁ। ଏବେ ଆମର ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆମ ଆଦିବାସୀଙ୍କ କଥା ଶୁଣନ୍ତୁ ବୋଲି କହିଛନ୍ତି। ଏ ସମ୍ପର୍କରେ ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳ କୁହନ୍ତି, ଏଠାରେ ପାହାଡ଼ ଖାଦାନରେ ୧୪୪ ଧାରା ଲାଗିଥିବା ସତ୍ତ୍ୱେ ବେଧଡକ ଭାବେ ପାହାଡ ଲୁଟ୍ ଚାଲିଛି। କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଚଢାଉ ହେବା ସତ୍ତ୍ୱେ ପୁଣି ୩ଦିନ ପରେ ବେଧଡକ ଭାବେ ଲୁଟ୍ ଚାଲିଛି। ରାଜ୍ୟ ସରକାର ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ସୁରକ୍ଷା ଓ ସ୍ୱାର୍ଥ ରକ୍ଷାକୁ ଗୁରୁତ୍ୱ ଦେଇ କଠୋର ପଦକ୍ଷେପ କରନ୍ତୁ ସତୀଶ ବିଶ୍ୱାଳ ନିବେଦନ କରିଛନ୍ତି। ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଯୋଗେ ଜଣାଇଛନ୍ତି।



ଆଦିବାସୀଙ୍କ ଆରାଧ୍ୟ ଦେବତା କଳା ଠୁକାରାଣୀଙ୍କ ସ୍ଥାନ।

